

ନାମରେ ଭକ୍ତି, ଜୀବରେ ଦୟା, ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ

- ଗୁରୁ ନାନକ





**କାଳବୈଶାଖୀ** :କୋରାପୁଟ ମିଶନ କମ୍ପାଉଣ୍ଡ ଛକରେ ଫଳଦୋକାନ ଉପରେ ଗଛ ଭାଙ୍ଗିପଡ଼ିଛି ।



କୋରାପୁଟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ କଲୋନୀରେ ଗଛ ଉପୁଡ଼ି ପଡ଼ିଛି ।



କୋରାପୁଟ ବିସ୍ଥାପିତ କଲୋନୀ ଗଛ ଭାଙ୍ଗି ଜଣଙ୍କ ଘରଉପରେ ପଡ଼ିଛି ।

# ଅପରାହ୍ନରେ ତାଣ୍ଡବ ରଚିଲା କାଳବୈଶାଖୀ

- ୩୩ କେଭି ଟାୱାର, ୩ଟି ୧୧ କେଭି, ୭ ଖୁଣ୍ଟ ଭାଙ୍ଗିଲା
- ଶତାଧିକ ଗଛ ଭାଙ୍ଗିଲା, ୧୦ରୁ ଅଧିକ ଆହତ
- ଛିଣ୍ଡିଲା ବିଦ୍ୟୁତ ତାର, ବହୁ ଘରର ଟିଣ ଉଡ଼ିଲା

କୋରାପୁଟ,୨୯।୪(ସ୍ୱ.ପ୍ର.)

କୋରାପୁଟ ସହର ଓ ଆଖପାଖ ଅଞ୍ଚଳରେ ସୋମବାର କାଳବୈଶାଖୀ ତାଣ୍ଡବ ରଚିଛି। ଶତାଧିକ ଗଛ ଭାଙ୍ଗିବା ସହ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଦ୍ୟୁତ ଟାୱାର ଭାଙ୍ଗିବା ସହ ତାର ଛିଣ୍ଡି ସରବରାହ ବ୍ୟାହତ ହୋଇଛି। କେବଳ ସେତିକି ନୁହେଁ ୫୦ରୁ ଅଧିକ ଘରର ଆଜବେଷ୍ଟସ ଛପର ଓ ରାସ୍ତାକଡ଼ର ବିଜ୍ଞାପନ ହୋର୍ଡିଂ ମଧ୍ୟ ଉଡ଼ାଇନେଇଛି।

ଅପରାହ୍ନ ୨ଟା ୧୦ରୁ ୩ଟା ଭିତରେ ୬୦ରୁ ୧୦୦ କିମି ବେଗରେ ପବନ ବହିବା ସହ ପ୍ରବଳ କୁଆପଥର ସହ ବର୍ଷା ହୋଇଥିଲା। ୫୦ ମିନିଟରେ ୩୫.୨ ମିମି ବର୍ଷା ରେକର୍ଡ଼ ହୋଇଥିବା ଜିଲା ଜରୁରୀ ବିଭାଗ ସୂଚନା ଦେଇଛି। ଫଳରେ କୋରାପୁଟ-ଜୟପୁର ଓ କୋରାପୁଟ-ସୁନାବେଡ଼ା ୨୬ ନମ୍ବର ଜାତୀୟ ରାଜପଥରେ ଶତାଧିକ ଗଛ ଭାଙ୍ଗି ପଡ଼ିଥିଲା। ଗଛ ଡାଳ ପଡ଼ି ବହୁ କାର୍ ଓ ଟ୍ରକ୍‌ର କାଚ ଭାଙ୍ଗିଛି। କେତେକ ସ୍ଥାନରେ ପୁରୁଣା ଗଛ ଉପୁଡ଼ିଯାଇ ରାସ୍ତା ଅବରୋଧ ହୋଇଛି । ସହରର ବାଟମଙ୍ଗଳା ମନ୍ଦିର, ମା' ମଙ୍ଗଳା ଲଜ୍, ମୃତ୍ତିକା ସଂରକ୍ଷଣ କଲୋନି, ଡିଆଇଜି କାର୍ଯ୍ୟାଳୟ, ଆରଡି ଅଫିସ, ସ୍ୱତନ୍ତ୍ର ସର୍କିଟ ହାଉସ ଭଳି ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ରାସ୍ତାରେ ପଡ଼ିଛି। ସେହିପରି କୋରାପୁଟ ଜେଇଏଲସି କମ୍ପ୍ଲେକ୍ସ ଛକଠାରେ ଗଛର ବିରାଟ ଡାଳ ଭାଙ୍ଗିଯାଇ ଫଳ ଦୋକାନ ଉପରେ ପଡ଼ିଥିଲା। ଏଥିରେ ଦୋକାନ ଭାଙ୍ଗିଯିବା ସହ ବେପାରୀ ଜଣକ ସାମାନ୍ୟ ଆହତ ହୋଇଥିଲେ। କୋରାପୁଟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିସ୍ଥାପିତ କଲୋନୀରେ ଏକ ବଡ଼ ଗଛ ପଡ଼ି ଘର ଭାଙ୍ଗିଯାଇଥିଲା। ଘରେ ଥିବା ପ୍ରଦୀପ ଖରା ଓ ତାଙ୍କ ଝିଅ ପେମି ଖରାଙ୍କ ମୁଣ୍ଡ ଫାଟି ଗୁରୁତର ଅବସ୍ଥାରେ ସେମାନଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ଦେଇଛି ଜିଲା ଜରୁରୀ ବିଭାଗ। କୋରାପୁଟ ମ୍ୟୁନିସପାଲଟି ଜିମନାଜିୟମର ଟିଣ, ଭବାନି ନଗରରେ ଗଛଡାଳ ଭାଙ୍ଗିବା ସହ କିଛି ସ୍ଥାନରେ ଘରୁ ଟିଣ ଉଡ଼ିଯାଇଛି। ସେହିପରି କାଳବୈଶାଖୀ ପରେ ବର୍ଷା, ଘଡ଼ଘଡ଼ି ସହ କୁଆପଥର ବୃଷ୍ଟି ଯୋଗୁ ସହରର ମ୍ୟୁନିସପାଲିଟି କାର୍ଯ୍ୟାଳୟ, ରେଲୱେ ଓଭରବ୍ରିଜ, ଭବାନି ନଗର ସମ୍ମୁଖସ୍ଥ ୨୬ ନମ୍ବର ରାସ୍ତାରେ ପାଣି ଭରି ରହିଛି । କୋରାପୁଟ ବ୍ଲକ ଛପରଠାରେ ଥିବା ୩୩ କେଭିର ଏକ ବିଦ୍ୟୁତ ଟାୱାର କାଳବୈଶାଖୀ ଯୋଗୁ ନଇଁପଡ଼ିଛି। ୩ଟି ୧୧ କେଭି ଟାୱାର, ୭ଟି ଏଲଟି ପୋଲ୍, ୧୦ରୁ ଅଧିକ ବିଦ୍ୟୁତ ଚାମ୍ବର ନଷ୍ଟ ହୋଇଛି। ଖବରପାଇ ଓଏମ୍‌ପିସ୍ଥିତ ଓଡ୍ରାଫ ଓ ସାଉଥ୍‌କୋ ପକ୍ଷରୁ ବିଭିନ୍ନ ରାସ୍ତା ଉପରେ ପଡ଼ିଥିବା ଗଛ କଟାଯାଉଥିବାବେଳେ ବିଦ୍ୟୁତ ବିଭାଗ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ତାର ସଜାଡ଼ିବାରେ ଲାଗିଛନ୍ତି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ବିଦ୍ୟୁତ ସେବା ସ୍ୱାଭାବିକ ହେବ ବୋଲି ସାଉଥ୍‌କୋ କହିଛି। କାଳବୈଶାଖୀ ଓ ପବନ ବେଳେ ୧୦ରୁ ଅଧିକ ବାଇକ ଓ ସ୍କୁଟି ଚାଳକ ଖସିପଡ଼ି ଆହତ ହୋଇଛନ୍ତି। କୋରାପୁଟ-ଜୟପୁର ରାସ୍ତାର ବାଟ ମଙ୍ଗଳା ମନ୍ଦିର ଛକରେ ଯାଉଥିବା ବେଳେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ଦୁଇ ଯୁବତୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।



କୋରାପୁଟ ସର୍କିଟ ହାଉସ୍‌ଠାରେ ବିରାଟ ଗଛ ଉପୁଡ଼ିଯାଇ ପାଚେରି ଉପରେ ପଡ଼ିଛି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଜୟପୁର,୨୯।୪(ନି.ପ୍ର.): ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ପଞ୍ଚାୟତର କଳଶାହାଣ୍ଡି ଗ୍ରାମର ଗୁପ୍ତ ପଡାଲ (୨୦) ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ରବିବାର ବିଳମ୍ବିତ ରାତିରେ ବର୍ଷା ପବନ ଯୋଗୁ ବାରମ୍ବାର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଏଥିପାଇଁ କଳଶାହାଣ୍ଡି ଗ୍ରାମରେ ୨ ଦିନ ହେବ ବିଜୁଳି ନଥିଲା। ପ୍ରବଳ ଗରମରେ ଗ୍ରାମବାସୀ ରହି ନ ପାରିବାରୁ ସେମାନେ ନିଜ ପ୍ରୟାସରେ ବିଦ୍ୟୁତ ତାର ସଂଯୋଗ କରୁଥିଲେ। ଏହି ସମୟରେ ହଠାତ୍ କରେଣ୍ଟ ଆସିଯିବାରୁ ଏହା ସଂସ୍ପର୍ଶରେ ଆସିଯାଇଥିଲେ ଗୁପ୍ତ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସରେ ଜିଲା ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଜିଲା ଚିକିତ୍ସାଳୟରେ ମୃତଦେହର ବ୍ୟବଚ୍ଛେଦ କରାଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ସଦର ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

### ମରାମତି ହେଲା ଅଚଳ ନଳକୂପ

ଦଶମନ୍ତପୁର,୨୯।୪(ଡି.ଏନ୍.ଏ.): ଦଶମନ୍ତପୁର ପଞ୍ଚାୟତ ସ୍ଥିତ ମାଛପୁଟ ଗ୍ରାମରେ ଜଳ ପାଇଁ ଦୀର୍ଘବର୍ଷ ହେଲା ହନ୍ତସନ୍ତ ହେଉଥିଲେ ଲୋକେ। ୩୫ ପରିବାର ଗୋଟିଏ ନଳକୂପ ଉପରେ ନିର୍ଭର କରୁଥିଲେ। ନିକଟସ୍ଥ ନଦୀର ଜଳ ସଂଗ୍ରହ କରି ପାନୀୟ ଭାବେ ବ୍ୟବହାର କରିଆସୁଥିଲେ ମଧ ପ୍ରଶାସନ ସେମାନଙ୍କ କଥା ଶୁଣୁ ନଥିଲା। 'ଧରିତ୍ରୀ'ରେ ଏନେଇ ଖବର ବାହାରିବା ପରେ ପ୍ରଶାସନର ନିଦ ଭାଙ୍ଗିଥିଲା। ସୋମବାର ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କର୍ମଚାରୀ ପହଞ୍ଚି ନଳକୂପ ସଜାଡ଼ିଥିଲେ।

### ନୂତନ ରୂପ ନେଲା ଜରାଜୀର୍ଣ୍ଣ ବିଦ୍ୟାଳୟ

କୋଲାବନଗର,୨୯।୪(ଡି.ଏନ୍.ଏ.): କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ବଡ଼କେରେଙ୍ଗା ପଞ୍ଚାୟତ ପୁକି ଗ୍ରାମର ପ୍ରାଥମିକ ବିଦ୍ୟାଳୟଟି ୩ ବର୍ଷ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଶ୍ରେଣୀଗୃହରୁ ଖଣ୍ଡ ଖଣ୍ଡ ସ୍ଲାବ୍ ଖସିବା ସହ କାନ୍ଥରେ ବଡ଼ ଫାଟ ହୋଇଥିଲା। ବର୍ଷାଦିନେ ଛାତରୁ ପାଣି ଗଳୁଥିଲା। ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ତାହା କୋରାପୁଟ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବ୍ଲକ ପ୍ରଶାସନ ତରଫରୁ ଏହି ବିଦ୍ୟାଳୟ ନୂତନ ଭାବେ ନିର୍ମାଣ କରାଯିବା ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରି ଖୋସ୍‌ଲା, ଗ୍ରାମର ମୁଖିଆ ମଙ୍ଗଳା ଜାନି, ଧନମତି ଜାନି, ରଘୁମଣି ଖୋସଲା, ରାମଦାସ ଖୋସଲା ଓ ନକୁଳ ଜାନି ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

■ ପୋଲିସ ମାଡ଼ରେ ୨ ଯୁବକ ଗୁରୁତର ହେବା ଘଟଣା

# ଏସ୍‌ପିଙ୍କୁ ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

**୬ ସପ୍ତାହ ଭିତରେ ଦେବେ କୈଫିୟତ**

ଜୟପୁର,୨୯।୪(ନି.ପ୍ର.)

ଜୟପୁର ପୁଲିସ ମାଡ଼ରେ ଦୁଇ ଯୁବକ ଗୁରୁତର ହେବା ଘଟଣାରେ ରାଜ୍ୟ ମାନବ ଅଧିକାର ଆୟୋଗ ଏକ ମାମଲା ରୁଜୁ କରିଛି। ଏଥିରେ ପୋଲିସ ଡିଜି, କୋରାପୁଟ ଏସ୍‌ପି ଓ ମାଡ଼ ମାରିଥିବା ଦୁଇ ପୁଲିସ କର୍ମଚାରୀ ରୋହିତ କୁମାର ସେଠ ଏବଂ ଅନିଲ ମିଶ୍ରଙ୍କୁ ପକ୍ଷଭୁକ୍ତ କରାଯାଇଛି । ଗତ ୨୦ ଫେବୃୟାରୀର ଏହି ଘଟଣା ଉପରେ ପୋଲିସର ବୈମାତୃକ ମନୋଭାବ ପୋଷଣ ଓ ଏଫଆଇଆର ଗ୍ରହଣ ନ କରିବା ନେଇ କୈଫିୟତ ମାଗିଛନ୍ତି ଓଏଚ୍‌ଆର୍‌ସି। କେସ୍ ନଯ ୬୭୧/୧୭.୦୪.୨୦୧୯ରେ ଏହି ମାମଲା ରୁଜୁ ହୋଇଛି। ଏହାର ପ୍ରଥମ ଶୁଣାଣି ୧୦ ଜୁନ୍‌ରେ ଥିବାରୁ ୬ ସପ୍ତାହ ଭିତରେ ଜବାବ ଦେବା ପାଇଁ କୋରାପୁଟ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମାନବାଧିକାର ଆୟୋଗ।

ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨୦ ତାରିଖ ରାତି ୧୦ଟା ୩୦ ବେଳେ ସ୍ଥାନୀୟ ଏଟିଏମ୍‌କୁ ପଇସା ଉଠାଇବା ପାଇଁ ଯାଇଥିଲେ ଜୟପୁର ଢେପସାହିର ଦୁଇ ଭାଇ ସମ୍ପଦ ରାଉତ ଓ ବିଶ୍ୱାସ ପ୍ରଧାନ। ସାଧା ପୋଷାକରେ ଥିବା ଏଏସ୍‌ଆଇ ରୋହିତ କୁମାର ସେଠ ଏବଂ ରାଇଟର ଅନିଲ ମିଶ୍ର ବିନା କାରଣରେ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହା ପରଦିନ ଆହତ ଯୁବକମାନେ ଟାଉନ ଥାନାରେ ଏତଲା ଦେଇଥିଲେ ମଧ ପୋଲିସ ଏହାକୁ ଗ୍ରହଣ କରି ନଥିଲା। ତେବେ ପରେ ଅଭିଯୁକ୍ତ ରୋହିତ କୁମାର ସେଠଙ୍କୁ ଟାଉନ ଥାନାରୁ ରିଲିଭ କରାଯାଇ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା।

■ ସିଆର୍‌ସିସିମାନଙ୍କୁ କଡ଼ା ତାଗିଦକଲେ ବିଇଓ

# ଶିକ୍ଷକ ଅବହେଳା କଲେ ରିପୋର୍ଟ ଦିଅ

ଜୟପୁର,୨୯।୪(ଡି.ଏନ୍.ଏ.)

ଜୟପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ବୈଠକରେ ସିଆରସିସିମାନଙ୍କୁ କଡ଼ା ତାଗିଦ୍ କରିଛନ୍ତି ବିଇଓ। ବ୍ଲକର ସମସ୍ତ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଳମ୍ବରେ ଯିବା ଓ ଶୀଘ୍ର ବନ୍ଦ କରିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସିଆରସିସିମାନେ ତୁରନ୍ତ ବିଭିନ୍ନ ବିଦ୍ୟାଳୟ ଗସ୍ତ କରିବା ସହ ଏହିପରି ଅବହେଳା ହେଉଥିଲେ ତୁରନ୍ତ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ସରକାରଙ୍କ ନିର୍ଦ୍ଦେଶକୁ ଖିଲାପ କରୁଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ସରୋଜିନୀ ଦଣ୍ଡସେନା ଚେତାବନୀ ଦେଇଛନ୍ତି । ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଇବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦୃଷ୍ଟି ଦେବା ସହ ବିସ୍ତୃତ ରିପୋର୍ଟ ଦେବାକୁ ବୈଠକରେ କୁହାଯାଇଛି। ଜୟପୁର ବ୍ଲକର ୧୧ ଏବଂ ପୌରାଞ୍ଚଳର ୪ଟି କ୍ଲଷ୍ଟରକୁ ମିଶାଇ ୧୫ ଜଣ ସିଆରସିସି କାର୍ଯ୍ୟରତ ଅଛନ୍ତି।



କୋରାପୁଟରେ ପୋଲିସ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର ।



ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ସୁନାବେଡ଼ା ଥାନା ଆଗରେ ଖୋଲିଥିବା ଜଳଛତ୍ର ।

# ୧୫ ଥାନାରେ ଖୋଲିଲା ଜଳଛତ୍ର

କୋରାପୁଟ,୨୯।୪(ସ୍ୱ.ପ୍ର.)

କୋରାପୁଟ ପୋଲିସ ପକ୍ଷରୁ ଜିଲାର ୧୫ଟି ଥାନାରେ ଆରମ୍ଭ ହୋଇଛି ଜଳଛତ୍ର ସେବା । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦେଖି ଜିଲା ପୋଲିସ ପକ୍ଷରୁ ଏହା ଖୋଲାଯାଇଛି। କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଓ ଜୟପୁର ଟାଉନ ଓ ସଦର ସମେତ ସେମିଳିଗୁଡ଼ା, ସୁନାବେଡ଼ା, ପଟ୍ଟାଙ୍ଗି, ଦାମନଯୋଡ଼ି, ନନ୍ଦପୁର ପାଡୁଆ, ମାଛକୁଣ୍ଡ, ବୋରିଗୁମ୍ମା, କୋଟପାଡ଼, କାକିରିଗୁମ୍ମା, ବୈପାରିଗୁଡ଼ା ଭଳି ୧୫ଟି ଥାନାରେ ଏହି ଜଳଛତ୍ର ଆରମ୍ଭ କରାଯାଇଥିବା ଜିଲା ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ସୋମବାର ମଧ୍ୟାହ୍ନରେ କୋରାପୁଟ ଟାଉନ ଥାନା, ସଦର ଥାନାଠାରେ ଅନୁଷ୍ଠିତ ଜଳଛତ୍ରର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହିତ ଏହାଦ୍ୱାରା ସାଧାରଣ ଯାତ୍ରୀ ଓ ପଥିକ ସୁଫଳ ପାଇପାରିବେ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଡିଏସ୍‌ପି ବରେନ୍ଦ୍ର ସ୍ୱାଇଁ, ଆରଆଇ ସୁବାସ ନାୟକ, ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରୀ, ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ରହି ପଥଚାରୀଙ୍କୁ ଦହିଚଲ୍ଲା, ଲେମ୍ବୁ ସରବତ ଓ ଥଣ୍ଡା ପାନୀୟ ଜଳ ପ୍ରଦାନ କରାଯାଇଥିଲା ।

# ଆମ୍ବେଡକର ଜୟନ୍ତୀ ପାଳିତ

ଦଶମନ୍ତପୁର,୨୯।୪(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ତଳ ଗଉଡ଼କଣ୍ଟାରେ ବହୁଜନ ସମାଜ ପାର୍ଟିପକ୍ଷରୁ ଡ. ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ସଭାପତି ଗଙ୍ଗାଧର ସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଯୋଗଦେଇ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗେଶ୍ୱର ସାଗର, ଯୁନାଥନ ଗରଡ଼ା, ନୀମନ ଚନ୍ଦ୍ର ଖରା, ରାଜୁ ବାଘ, ଇଷ୍ଟ ସଗରିଆ, କବିସୂର୍ଯ୍ୟ ଖୋସ୍‌ଲା ଯୋଗ ଦେଇଥିଲେ। ଏହି ଅବସରରେ ଆମ୍ବେଡକରଙ୍କ ଜୀବନ ଓ ବିଚାରଧାରା, ସମ୍ବିଧାନ ପ୍ରଣୟନ ପାଇଁ ତାଙ୍କର ଭୂମିକା ଆଲୋଚନା କରାଯାଇ ଥିଲା। ଦିବାକର ମହାନନ୍ଦିଆ ଓ ପିତର ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆମ୍ବେଦକରଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ଡ୍ରେନ୍ ନ ହେଲେ ଅବରୋଧ ଚେତାବନୀ

କୋଲାବନଗର,୨୯।୪(ଡି.ଏନ୍.ଏ.)

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ବଡ଼କେରେଙ୍ଗା ପଞ୍ଚାୟତରେ ଡ୍ରେନ୍ ଅଭାବରୁ ଅସୁବିଧା ଭୋଗୁଛନ୍ତି ମାଦଳାସାହୀ ଗ୍ରାମବାସୀ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସ୍ଥାନୀୟ ହନୁମାନ ମନ୍ଦିରରୁ କେରେଙ୍ଗା ପଞ୍ଚାୟତ ଗଞ୍ଜେଇପଦର ପର୍ଯ୍ୟନ୍ତ ୮ କି.ମି. ରାସ୍ତା ୧୦ ବର୍ଷ ତଳୁ ନିର୍ମାଣ କରାଯାଇଥିଲା। ଉକ୍ତ ରାସ୍ତା ମାଦଳାସାହି ଦେଇ ଯାଇଛି। ତେବେ ରାସ୍ତାପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହୋଇ ନ ପାରିବାରୁ ଗାଁର ମଇଳା ଆବର୍ଜନା, ଜଳ ଓ ନଳକୂପର ଜଳ ରାସ୍ତାରେ ଭାସୁଛି। ଏହା ପରିମଳ ବିପର୍ଯ୍ୟସ୍ତ କରିବା ସହ ସର୍ବସାଧାରଣ ଚଳପ୍ରଚଳ ବେଳେ ବିରକ୍ତି ସୃଷ୍ଟି କରୁଛି। ୩ ବର୍ଷ ହେଲା ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କିଛି ସୁଫଳ ମିଳୁନାହିଁ। ୨୦୧୮ ଅଗଷ୍ଟରେ ଉକ୍ତ ଗ୍ରାମକୁ ମନ୍ତ୍ରୀ, କୋରାପୁଟ ଜିଲାପାଳ, କୋରାପୁଟ ବିଡିଓ ଆସିଥିଲେ । ସେମାନଙ୍କ ପାଖରେ ଗ୍ରାମବାସୀ ଡ୍ରେନ୍ ନିର୍ମାଣ ପାଇଁ ଅଭିଯୋଗ ମଧ୍ୟ କରିଥିଲେ । ବିଡିଓ ୩ ଦିନ ମଧ୍ୟରେ ଡ୍ରେନ୍ କାମ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏଯାବତ୍ ତାହା କାର୍ଯ୍ୟକାରୀ ହେଲାନାହିଁ। ଉକ୍ତ ରାସ୍ତାରେ ଜିଲା ପ୍ରଶାସନର କର୍ମଚାରୀ ସବୁଦିନ ଲମତାପୁଟ ବ୍ଲକ ଯାତାୟାତ କରୁଛନ୍ତି। କିନ୍ତୁ ଆନ୍ତରିକତା ଅଭାବରୁ ୩ଶହ ମିଟର ଡ୍ରେନ୍ ନିର୍ମାଣ ହୋଇପାରୁ ନାହିଁ । ଗ୍ରାମବାସୀ ବର୍ତ୍ତମାନ ତାତିଲେଣି, ଆଗକୁ ଏହି ରାସ୍ତା ବନ୍ଦ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଡ୍ରେନ୍ ନ ଥିବାରୁ ଆବର୍ଜନା ଜଳ ରାସ୍ତାପାର୍ଶ୍ୱର ପରିମଳ ନଷ୍ଟ କରୁଛି ।

# ଦାରିଙ୍ଗବାଡ଼ି ଅଞ୍ଚଳରେ ଘୁଷୁରି ମଡ଼କ

ଦାରିଙ୍ଗବାଡି,୨୯।୪(ଡି.ଏନ.ଏ)

ଦାରିଙ୍ଗବାଡ ବ୍ଲକ ଅଞ୍ଚଳରେ ଜଣେ ମହିଳାଙ୍କ ସ୍ୱାଇନ୍ ଫ୍ଲୁରେ ଶନିବାର ମୃତ୍ୟୁ ହୋଇଥିବାବେଳେ ଏବେ ଅଞ୍ଚଳରେ ଘୁଷୁରି ମଡକ ଚିନ୍ତା ବଢ଼ାଇଛି। ବ୍ଲକର ଫ୍ଲିହେରୀ ପଞ୍ଚାୟତ ପାଙ୍ଗାଲି ଗ୍ରାମର କରୁମାହା ସାହିରେ ଗତ ୨ଦିନରେ ପ୍ରାୟ ୧୫ ଘୁଷୁରିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଗ୍ରାମରେ ସନ୍ତୋଷ ପ୍ରଧାନ, ଥମାସ ପ୍ରଧାନ, ନକୁଳ ପ୍ରଧାନଙ୍କ ଘୁଷୁରି ମରିଥିବା ବେଳେ ଏକାଧିକ ଲୋକଙ୍କ ଘୁଷୁରି ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏନେଇ ପାଙ୍ଗାଲି ଗ୍ରାମର କ୍ଷତ୍ରୀବଳ ନାୟକ କହିଛନ୍ତି ଯେ, ତୁରନ୍ତ ପ୍ରାଣୀଧନ ଚିକିତ୍ସକ ଏବଂ ଲୋକଙ୍କୁ ସଚେତନ କରିବାକୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଦଳ ପହଞ୍ଚିବା ଦରକାର। ଏନେଇ ଅଞ୍ଚଳବାସୀ ଦାରିଙ୍ଗବାଡି ପ୍ରାଣୀଧନ ଚିକିତ୍ସାଳୟ ଇନ୍‌ଚାର୍ଜ ଡାକ୍ତର ଶ୍ରୀପତି ଦାସଙ୍କ ନିକଟରେ ଅଭିଯୋଗ କରିଥିବା ଡାକ୍ତର ଦାସ କହିଛନ୍ତି। ସେ ଆଜି ଖବର ପାଇଛନ୍ତି। ମଙ୍ଗଳବାର ଠାରୁ ସେଠାରେ ସଚେତନତା କାର୍ଯ୍ୟକ୍ରମ କରାଯିବ ଏବଂ ଘୁଷୁରି ନିକଟରେ ମଣିଷମାନଙ୍କୁ ନ ରହିବା ପାଇଁ ପରାମର୍ଶ ଦିଆଯିବ ବୋଲି କହିଛନ୍ତି।

**ସଂକ୍ଷେପରେ**

## ଠାକୁରାଣୀ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ଦିଗପହଣ୍ଡି, ୨୯।୪ (ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶ୍ୱର ଗ୍ରାମରେ ୧୨ ବର୍ଷ ବ୍ୟବଧାନରେ ବିମଳା ଠାକୁରାଣୀଙ୍କ ୭ ଦିନ ଯାତ୍ରା ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ମଙ୍ଗଳବାର ସନ୍ଧ୍ୟାରେ ମା'ଙ୍କୁ ସୁସଜ୍ଜିତ ପଟୁଆରରେ ଅସ୍ଥାୟୀ ଯାତ୍ରାପୀଠକୁ ଅଣାଯିବ। ସୋମବାର ଯାତ୍ରା ପୀଠରେ ସମସ୍ତ ସାଜସଜ୍ଜା ସରିଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସମଗ୍ର ଗାଁ ଝଲସି ଉଠିଛି। ପୂର୍ବତନ ସରପଞ୍ଚ କେ. ସଞ୍ଜୀବ କୁମାର ରେଡ୍ଡୀ, କେ. ତ୍ରିନାଥ ରେଡ୍ଡୀ, କୁରେଶୁ ରେଡ୍ଡୀ, କେ. ସଲୀଳ ରେଡ୍ଡୀ, ଏସ୍. ଅଲେଖ ରେଡ୍ଡୀ, ତାରିଣୀ ସେଠୀ, ସୋମନାଥ ରେଡ୍ଡୀ, ଏନ. ଲିଙ୍ଗରାଜ ରେଡ୍ଡୀ, ପଞ୍ଚାନନ ଗୌଡ଼ ପ୍ରମୁଖ ୨୧ ଜଣିଆ ଯାତ୍ରା ପରିଚାଳନା କମିଟି ଗଠନ କରାଯାଇଛି। ଶୁକ୍ରବାର ଖରଣୀପଡ଼ା ଓ ଶୁଣ୍ଡିପଲ୍ଲୀ ଗ୍ରାମର ଭକ୍ତ ପ୍ରହଲ୍ଲାଦ ରଜା ନାଟକ, ଶନିବାର କବିସୂର୍ଯ୍ୟନଗରର ହାଟ ନରେନ୍ଦ୍ରପୁରର ସୁଭଦ୍ରା ମାଗୁଛି ଶଙ୍ଖା ସିନ୍ଦୂର, ରବିବାର ଅଙ୍ଗାରଗାଁ ଓ ଖାରିଆଗୁଡ଼ା ଗ୍ରାମର ରାମାୟଣ ଥିଏଟର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ ରାମଦୋଳି ଓ ମୀନା ବଜାର ଅଣାଯାଇଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

## କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଦିଗପହଣ୍ଡି,୨୯।୪(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସୋମବାର ଛାତ୍ରୀଙ୍କ ବାପା ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ନଂ. ୮୭/୧୯ ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଗାଁ ନିକଟ କଲେଜରେ ପଢୁଥିବା ଛାତ୍ରୀ ଜଣକ ଗୁରୁବାର ଅପରାହ୍ନରେ ଗିଫ୍ଟ କିଣିବା ପାଇଁ ଡେଙ୍ଗାଓସ୍ତା ଗ୍ରାମ ବଜାରକୁ ଯାଇଥିଲେ। ସେବେଠୁ ଆଉ ସେ ଘରକୁ ଫେରିନାହାନ୍ତି। ଝିଅକୁ ପୂର୍ବ ଯୋଜନା ପ୍ରକାରେ ବଜାରରୁ ଅପହରଣ କରାଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ପୋଲିସ ପକ୍ଷରୁ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରାଯାଇଥିଲେ ମଧ ଅପହୃତା ଛାତ୍ରୀ କିମ୍ବା ଅପହର୍ତ୍ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ।

## ବନ୍ଧରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୯।୪(ଡି.ଏନ.ଏ.)-ଖଲ୍ଲିକୋଟ ସହର ପାର୍ଶ୍ୱରେ ଥିବା ଲାଞ୍ଜିବନ୍ଧରେ ବୁଡ଼ି ରବିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଦେଓଗାଁର ସୂର୍ଯ୍ୟ ବିଶୋଇ (୩୫)। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଖଲ୍ଲିକୋଟ ଦମକଳ ଗାଡ଼ି ଆସି ମୃତଦେହକୁ ଉଦ୍ଧାର କରିଥିଲା। ଖଲ୍ଲିକୋଟ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ୟୁଡି ନଂ. ୧/୨୦୧୯ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

## ମଦ ଜବତ, ଜଣେ ଗିରଫ

ଶେରଗଡ଼,୨୯।୪(ଡି.ଏନ.ଏ.)-ଶେରଗଡ଼ ବ୍ଲକ କୁରୁଲା ଗ୍ରାମ ନନ୍ଦିନୀ ନଦୀପଠାରୁ ରବିବାର ପୋଲିସ ୭.୨୦୦ ମିଲିଲିଟର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗୋଠଗାଁର ଭୀମ ସାହୁ। ରବିବାର ସନ୍ଧ୍ୟାରେ ଭୀମ ନଦୀ ପଠାରେ ମଦ ନେଇ ଯାଉଥିବା ଖବର ପାଇ ଶେରଗଡ଼ ଥାନା ଏଏସ୍ଆଇ ବିଷ୍ଣୁ ପ୍ରସାଦ ଦାଶ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଏ ନେଇ ଥାନାରେ ନଂ. ୩୮/୧୯ରେ ମାମଲା ରୁଜୁ କରି ଶେରଗଡ଼ କୋର୍ଟକୁ ସୋମବାର ସନ୍ଧ୍ୟାରେ ଚାଲାଣ କରିଛନ୍ତି।

# ଚନ୍ଦାହାଣ୍ଡି ସହରରେ ଜଳକଷ୍ଟ

ଚନ୍ଦାହାଣ୍ଡି,୨୯।୪(ଡି.ଏନ୍.ଏ.)


ଯନ୍ତ୍ରୀଙ୍କ ସହ ମହିଳାମାନେ ଆଲୋଚନା କରୁଛନ୍ତି।

- ପାନୀୟ ଜଳ ସମସ୍ୟା ଜଣାଇବା ପାଇଁ ଯନ୍ତ୍ରୀଙ୍କୁ ଭେଟିଲେ ମହିଳା
- ସମାଧାନ ନ ହେଲେ ହାଣ୍ଡି, ମାଠିଆ ରଖି ଧାରଣା ଦେବେ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ କିଛିଦିନ ହେଲା ତାପମାତ୍ରା ୪୦ରୁ ୪୪° ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ପ୍ରଚଣ୍ଡ ଖରାରେ ଗାଁରେ ପାଣି ସମସ୍ୟା ଲାଗି ରହିଛି। ବ୍ଲକର ବହୁ ନଳକୂପରେ ଫ୍ଲୋରାଇଡ୍‌ଯୁକ୍ତ ପାଣି ବାହାରୁ ଥିବାରୁ ତାକୁ ବ୍ୟବହାର କରାଯାଉନାହିଁ। ପଞ୍ଚାୟତ ପକ୍ଷରୁ ଗାଁରେ ପାନୀୟଜଳ ପ୍ରକଳ୍ପ କରାଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟରେ ଲାଗୁନି। ଚନ୍ଦାହାଣ୍ଡି ସଦର ମହକୁମାରେ ମାସେରୁ ଊର୍ଦ୍ଧ୍ୱହେବ ପାନୀୟ ଜଳ ସଂକଟ ଦେଖାଦେଇଛି। ଜଳଯୋଗାଣ ପ୍ରକଳ୍ପର ମୋଟର ପୋଡିଯାଇଥିବାରୁ ସହରକୁ ପାଣି ଯୋଗାଣ ବନ୍ଦ ରହିଛି। ଏପରି ସ୍ଥଳେ ସହରବାସୀ ଦୂରଦୁରାନ୍ତକୁ ଯାଇ ପିଇବା ପାଣି ସଂଗ୍ରହ କରି ଆଣୁଛନ୍ତି। ସହରରେ ଥିବା ନଳକୂପଗୁଡିକ ପାନୀୟଜଳ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ବେଳେ ବହୁ ନଳକୂପରୁ ପିଇବା ଯୋଗ୍ୟ ପାଣି ବାହାରୁ ନାହିଁ। ୩ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ ପିଇବା ପାଣି ପାଇଁ ମହିଳାମାନେ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସରକାର ସମସ୍ତ ଜନସାଧାରଣଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ଜଳ ଯୋଗାଣ ପ୍ରକଳ୍ପ କରିଥିଲେ ମଧ୍ୟ ତାହା କାମରେ ଆସୁ ନ ଥିବାରୁ ଏହା ଏବେ ପ୍ରହସନ ପାଲଟିଥିବା କୁହାଯାଉଛି। ଚନ୍ଦାହାଣ୍ଡି ପଞ୍ଚାୟତର ସରପଞ୍ଚ ଲଛମନ ମାଝିଙ୍କ ଗାଁ ତଳସାହିରେ ପାଣି ସମସ୍ୟା ଲାଗି ରହିଛି। ପାଣି ସମସ୍ୟା ସମାଧାନ ପାଇଁ ତଳ ସାହିର ୫୦ରୁ ଊର୍ଦ୍ଧ୍ୱ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ବିଭାଗୀୟ ଯନ୍ତ୍ରୀ ଜୟ ପ୍ରକାଶ ମିଶ୍ରଙ୍କୁ ଭେଟିଥିଲେ। ତୁରନ୍ତ ପାଣି ସମସ୍ୟାର ସମାଧାନ ନ କଲେ ହାଣ୍ଡି ମାଠିଆ ଧରି ବ୍ଲକ କାର୍ଯ୍ୟାଳୟରେ ଧାରଣା ଦିଆଯିବ ବୋଲି ସାବିତ୍ରୀ ନାଏକ, ଗୌରୀ ବେହେରା, କିର୍ତ୍ତମା ପାଣ୍ଡେ, ରତନୀ ଗୌଡ଼, ସଂଯୁକ୍ତା ମହାରଣା, ପ୍ରମିଳା ରାଉତ, ଜୟନ୍ତୀ ଚୌହାନ, ଅନ୍ନପୂର୍ଣ୍ଣା ରାଉତ, ବିମଳା କାଇ, ଦୁତିକା ବିଶି, ଯାଜ୍ଞସେନୀ ରାଉତ ପ୍ରମୁଖ ମହିଳା କହିଛନ୍ତି। ଏପରିକି ସରପଞ୍ଚ ଲଛମନ ମଧ୍ୟ ପହଞ୍ଚି ପାଣି ସମସ୍ୟା ଦୂର କରିବାକୁ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୁକ୍ତିତର୍କ କରୁଥିବାର ଦେଖିବାକୁ ମିଳିଥିଲା।

- ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଦନ ନାଗଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣକୁ ନେଇ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ କୈଫିୟତ ତଲବ

ନବରଙ୍ଗପୁର,୨୯।୪(ବି.ପ୍ର.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧିନ ସନ୍ଧିମୁଣ୍ଡା ଗାଁର ମଦନ ନାଗ(୩୫) ୨୦୧୭ ନଭେମ୍ବର ମାସରେ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ନିକଟରେ ଭବାନୀପାଟଣା ବାହାଦୂର ବଗିଚାପଡା ସାହିର ଦିଲୀପ କୁମାର ଦାଶ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ କମିଶନ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରି କାହିଁକି ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆନଯିବ ତାହାର କୈଫିୟତ ୪ ସପ୍ତାହ ମଧ୍ୟରେ ମାଗିଛନ୍ତି। ଏହି ଘଟଣାରେ ଅବହେଳା କରିଥିବା ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କଣ ସବୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ଶକ୍ତି ସଚିବଙ୍କ ଠାରୁ ମାଗିଛନ୍ତି। ଏଥିସହ ନବରଙ୍ଗପୁର ଏସପିଙ୍କୁ ନୋଟିସ ଜାରି କରି ଅଧିକାରୀମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କରିବାକୁ ତାଗିଦ କରିଛନ୍ତି। ୨୦୧୭ ନଭେମ୍ବର ୧୪ ତାରିଖରେ ୧୧ କେଭି ତାର ଛିଣ୍ଡି ପଡିଯିବାରୁ ମଦନଙ୍କ ମୃତ୍ୟୁ ଘଟିଥିଲା। ଜିଲା ପ୍ରଶାସନ ପକ୍ଷରୁ ୩୦ ହଜାର ଟଙ୍କା ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦିଆଯାଇଥିଲା। ବିଦ୍ୟୁତ ବିଭାଗର ଅବହେଳା କାରଣରୁ ମଦନଙ୍କ ମୃତ୍ୟୁ ଘଟିଥିବା ଅଭଯୋଗ କରି ଦିଲ୍ଲିପ କୁମାର ଦାଶ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି କମିଶନ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ମଧୁବାବୁ ଥିଲେ ଓଡ଼ିଆ ଜାତିର କର୍ଣ୍ଣଧାର


ସଭାରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,୨୯।୪(ବି.ପ୍ର.)

ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜିଲା ଅଦାଲତ ପରିସରରେ ଥିବା ସମ୍ମିଳନୀ କକ୍ଷ ଠାରେ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ମହାସମାରୋହରେ ରବିବାର ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଓ ଦୌରା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ପରିବାର ଅଦାଲତ ଜଜ୍ ବିକ୍ରମ କୁମାର ପ୍ରଧାନ, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ପ୍ରକାଶ ମିଶ୍ର ଯୋଗ ଦେଇ ମଧୁବାବୁ ଓଡିଆ ଜାତିର କର୍ଣ୍ଣଧାର ଏବଂ ଓକିଲ ସମାଜର ଦିଗଦ୍ରଷ୍ଟା ପୁରୁଷ ବୋଲି ଅବିହିତ କରିଥିଲେ। ଉତ୍କଳ ସଭା ଓ ଉତ୍କଳ ସମ୍ମିଳନୀ ଜରିଆରେ ଓଡିଆ ଭାଷା ଓ ଜାତିର ରକ୍ଷା କରିବାରେ ସେ ସଫଳ ହୋଇଥିଲେ। ସେ ନିଜ ଜୀବନକୁ ଦେଶ ମାତୃକାରେ ସମର୍ପିତ କରି ନବ ଉତ୍କଳ ନିର୍ମାଣର ମୁଖ୍ୟ ପୁରୋଧା ସାଜିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଂଘ ସଭାପତି ନୃସିଂହ ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଉପସଭାପତି ହରିନାରାୟଣ ବେହେରା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ଏନ. ଅହମ୍ମଦ, ମାନସ ତ୍ରିପାଠୀ, ପ୍ରସନ୍ନ ପ୍ରସାଦ ପଟ୍ଟନାୟକ, ସୁବାଷ ଚନ୍ଦ୍ର ପାଲ, ଆସେର ଜାନୀ, ନମିତା ପଟ୍ଟନାୟକ, ଗଜେନ୍ଦ୍ର କୁମାର ଦାଶ, ସନ୍ତୋଷ ମିଶ୍ର, ପି.ଜୀବନରାମ, ସିରାଜ ଉଦ୍ଦିନ ଅହମ୍ମଦ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଏସଡିଜେଏମ. ଅମିତ କୁମାର ବାରିକ, ମଧୁବାବୁଙ୍କ ଜୀବନୀ ଓ ଆଇନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ସି.ଏଚ. ବାବା ଯୁଗନ୍ଧର, ରବିନ୍ଦ୍ର ନାଥ ବେବର୍ତ୍ତା, ରବୀନ୍ଦ୍ର ପାଢୀ, ଦିଲୀପ ବେହେରା, ଶଶିଗିରି ରାଓ, ଶ୍ୟାମ ପ୍ରସାଦ ଗନ୍ତାୟତ, ପ୍ରଦୀପ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ଦେବୀ ପ୍ରସାଦ ସିଂ, ସମରେଶ ଗନ୍ତାୟତ, ରବିନ୍ଦ୍ର ଜଗନ୍ନାଥ ନାୟକ, ଦିନ୍ମର ପାଣିଗ୍ରାହୀ, ଅରୁଣ ପାତ୍ର, ଅମରେଶ ପାଣିଗ୍ରାହୀ, ତାରିଣି ଦାଶ, ନରେନ୍ଦ୍ର ମହାପାତ୍ର, ଆଶିଷ ରଞ୍ଜନ ପଟ୍ଟନାୟକ, ପ୍ରମୂଖ ଯୋଗ ଦେଇଥିଲେ।

- ଯୌତୁକ ନିର୍ଯାତନା ଅଭିଯୋଗ

## ଶାଶୁ, ଶଶୁର, ଦିଅର ଗିରଫ

ଆସିକା,୨୯।୪(ଡି.ଏନ୍.ଏ.)

ଆସିକା ପୋଲିସ ପକ୍ଷରୁ ସୋମବାର ଏକ ଯୌତୁକ ନିର୍ଯାତନା ମାମଲାରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନିର୍ଯାତନା ଅଭିଯୋଗ ଆଣିଥିବା ମହିଳାଙ୍କ ଶଶୁର ପି. ରାଜାରାମ ରେଡ୍ଡୀ, ଶାଶୁ ପି. ରାଜାମା ରେଡ୍ଡୀ ଓ ଦିଅର ପି. କ୍ରିଷ୍ଣା ରେଡ୍ଡୀ। ଅଭିଯୁକ୍ତମାନେ ପୁରୁଷୋତ୍ତମପୁର ଥାନା ଖଜୁରିଆପଲ୍ଲୀ ଗ୍ରାମର। ତେବେ ଏହି ମାମଲାରେ ସମୁଦାୟ ୭ଜଣଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସ୍ୱାମୀ ଗୋବିନ୍ଦଙ୍କ ସମେତ ଅନ୍ୟମାନେ ଫେରାର୍ ଥିବା ଆସିକା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆସିକା ଯୋକବନ୍ଧ ସାହିର ଭୀମ ରେଡ୍ଡୀଙ୍କ ଝିଅ ସନ୍ତୋଷିନୀ ଖଜୁରିଆପଲ୍ଲୀ ଗ୍ରାମ ନିବାସୀ ରାଜାରାମଙ୍କ ପୁଅ ଗୋବିନ୍ଦଙ୍କୁ ୨୦୦୭ରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିରେ ସନ୍ତୋଷିନୀଙ୍କୁ ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଇଥିଲା। ୨୦୧୬ରୁ ସନ୍ତୋଷିନୀ ବାପଘରକୁ ଚାଲି ଆସିବା ସହ ଘଟଣା ସମ୍ପର୍କରେ ଆସିକାସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଆସିକା ପୋଲିସ ପକ୍ଷରୁ ଜିଆର୍ ନଂ.୬୪୨/୧୬ରେ ଏକମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତେବେ ଅଭିଯୁକ୍ତମାନେ ସମସ୍ତେ ସୁରତରେ ରହୁଥିବାରୁ ପୋଲିସ ଗିରଫ କରିପାରି ନ ଥିଲା। ଗ୍ରାମକୁ ଆସିଥିବା ଖବର ପାଇ ସୋମବାର ସକାଳୁ ପୋଲିସ ପୁରୁଷୋତ୍ତମପୁର ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଧାରୁଆ ସୂଚନା ଦେଇଛନ୍ତି।

# ଡାବୁଗାଁ-ପାପଡ଼ାହାଣ୍ଡି ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା

ଡାବୁଗାଁ, ୨୯।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ- ପାପଡାହାଣ୍ଡି ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା। ଡାବୁଗାଁ- ପାପଡାହାଣ୍ଡି ୩୯ ନଂ ରାଜ୍ୟ ରାଜପଥର ମହେନ୍ଦ୍ରୀ ଛକ ଠାରୁ ବାରିଗୁଡା ଛକ ମଧ୍ୟରେ ୫/୬ ସ୍ଥାନରେ ପ୍ରାୟ ୨କିମି ହେବ ରାସ୍ତା ଫାଟି ନଷ୍ଟ ହୋଇଯାଇଥିଲା। ଗତ ସେପ୍ଟେମ୍ବର ମାସରେ ଉକ୍ତ ସ୍ଥାନକୁ ଡାବୁଗାଁ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ୨ ମାସ ନପୁରୁଣୁ ଉକ୍ତ ସ୍ଥାନ ଗୁଡିକରୁ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ହୋଇଥବା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆଲୋଚନା ହେଉଛି। ଏନେଇ ବିଭାଗର କୌଣସି ନିଘା ନାହିଁ। ଉକ୍ତ ରାସ୍ତା ପୁଣି ଥରେ ମରାମତି କରାଯିବାକୁ ସାଧାରଣରେ ଦାବି ସତ୍ତ୍ୱେ ଏ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହାଫଳରେ ଏହି ରାସ୍ତାରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ଗତ ୧୮ତାରିଖରେ ବିରିସୋଲା ଛକ ନିକଟରେ ରାସ୍ତା ଫାଟିଥିବା ସ୍ଥାନରେ ୨ଟି ମୋଟର ସାଇକେଲ ମଧ୍ୟରେ ଦୁର୍ଘଟଣା ଘଟି ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ୨ ଜଣ ଗୁରୁତର ଆହତ ହୋଇ ଏ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଜନସାଧାରଣରେ ଦାବି ହୋଇଛି।


ଡାବୁଗାଁ- ପାପଡାହାଣ୍ଡି ରାସ୍ତାରୁ ପିଚୁ ଉଠିଯାଇଛି।

- ତାତିକୁ ନେଇ ସରକାରଙ୍କ ଅଜବ ନୀତି

# ବିଦ୍ୟାଳୟ ଛୁଟି, ଅଙ୍ଗନୱାଡି କେନ୍ଦ୍ର ଖୋଲା

ଚନ୍ଦାହାଣ୍ଡି,୨୯।୪(ଡି.ଏନ.ଏ)

ବର୍ଦ୍ଧିତ ତାପମାତ୍ରା ଯୋଗୁ ରାଜ୍ୟରେ ଏପ୍ରିଲ ୧୮ରୁ ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ଛୁଟି ଘୋଷଣା କରିଛନ୍ତି। ତେବେ ରାଜ୍ୟରେ ଅଙ୍ଗନୱାଡି କେନ୍ଦ୍ରରେ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ପିଲା ପାଠ ପଢୁଥିବା ବେଳେ ଏହି କୋମଳମତି ଶିଶୁମାନଙ୍କ ପାଇଁ କୌଣସି ଛୁଟି ଘୋଷଣା କରାଯାଇ ନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ୪୪ ଡିଗ୍ରୀ ଉପରେ ତାପମାତ୍ରା ପହଞ୍ଚିଛି। ଫଳରେ ସକାଳ ୯ଟାରୁ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରଗୁଡିକ ସକାଳ ୬ଟାରୁ ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ଖୋଲା ରହୁଛି। କୁନି କୁନି ପିଲାମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆସି ଖରାରେ ଘରକୁ ଫେରୁଛନ୍ତି। ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀଙ୍କୁ ଗ୍ରୀଷ୍ମ ଛୁଟି ୧୫ ଦିନ ଘୋଷଣା କରିଥିବା ବେଳେ ତାହା ଘୋଷଣାରେ ରହିଯାଇଛି। ଚନ୍ଦାହାଣ୍ଡି ଅଙ୍ଗନୱାଡି ସଂଘ ପକ୍ଷରୁ ଛୁଟି ଘୋଷଣା ପାଇଁ ବାରମ୍ବାର ଦାବି କରାଯାଉଥିବା ଜଣାପଡିଛି। ଏ ସମ୍ପର୍କରେ ଚନ୍ଦାହାଣ୍ଡି ଶିଶୁ ବିକାଶ ଅଧିକାରୀ ମୃର୍ମୟୀ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସରକାର ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ଦାବିଗୁଡିକ ପୂରଣ କଲେ କିନ୍ତୁ ଗ୍ରୀଷ୍ମ ଛୁଟି ଘୋଷଣା କରି ନାହାନ୍ତି। ସେଥିପାଇଁ ଆମେ କିଛି କରିପାରିବୁ ନାହିଁ।

# କାଜୁ ତୋଟାକୁ ନେଇ ବିବାଦ

ଛତ୍ରପୁର,୨୯।୪(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦର ଅପରପାର୍ଶ୍ୱରେ ଥିବା କାଜୁତୋଟାର ମାଲିକାନାକୁ ନେଇ ସୋମବାର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏହାପରେ ଛତ୍ରପୁର ଓ ଆର୍ଯ୍ୟପଲ୍ଲି ମେରାଇନ ଥାନାରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡିଛି। ଗୋଟିଏ ଗୋଷ୍ଠୀର ମହିଳାମାନେ ବିବାଦ ସମ୍ପର୍କରେ ଛତ୍ରପୁର ଥାନାକୁ ଆସି ଜଣାଇଥିଲେ। ପରେ ଆର୍ଯ୍ୟପଲ୍ଲି ମେରାଇନ ଥାନାରେ ଦୁଇ ଗୋଷ୍ଠୀର ଲୋକଙ୍କୁ ନେଇ ଆଲୋଚନା ହୋଇଥିଲା। ବୁଧବାର ଛତ୍ରପୁର ଓ ଚମାଖଣ୍ଡି ଅଞ୍ଚଳର ଆର୍‌ଆଇ ଓ ଅମିନମାନେ ଉକ୍ତ ସ୍ଥାନକୁ ଯାଇ ମାପଚୁପ କରିବେ। ଏହାପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି।

- ଦୁଇ ଚାଷୀ ସଙ୍ଗଠନର ଅଭିଯୋଗ

# ବିକ୍ରି ହୋଇନି ଗଞ୍ଜାମର ୫୦ ହଜାର ଚାଷୀଙ୍କ ଧାନ

ବ୍ରହ୍ମପୁର ଅଫିସ,୨୯।୪

ପ୍ରାକୃତିକ ଦୁର୍ବିପାକରେ ଗଞ୍ଜାମ ଜିଲାର ଲକ୍ଷ ଲକ୍ଷ ଚାଷୀ ଲଗାତର ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଫସଲ ନଷ୍ଟ ଯୋଗୁ ଅନେକ କ୍ଷତିଗ୍ରସ୍ତ ଚାଷୀ ନାନା ଦୁଶ୍ଚିନ୍ତାରେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। କୃଷି ପ୍ରଧାନ ଏହି ଜିଲାର ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। ଚାଷୀଙ୍କ ସମୂହ ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରଖିଥିବା ଋଷିକୁଲ୍ୟା ରୟତ ମହାସଭା ଓ ଚାଷୀ ସୁରକ୍ଷା ଅଭିଯାନ ପକ୍ଷରୁ ଏଭଳି ସଙ୍ଗିନ ଅଭିଯୋଗ ହୋଇଛି। ଜିଲାର ପଞ୍ଜୀକୃତ ୫୦ ହଜାରରୁ ଅଧିକ ଚାଷୀଙ୍କ ଧାନ ସରକାର ତୁରନ୍ତ କ୍ରୟ କରିବାକୁ ଦାବି କରାଯାଇଛି। ନଚେତ୍ ଜିଲାପାଳଙ୍କ ଅଫିସ ଆଗରେ ଧାନବସ୍ତା ରଖି ଧାରଣା ସହ ବୃହତ ଆନ୍ଦୋଳନର ସୂତ୍ରପାତ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୋମବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଓ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ କହିଛନ୍ତି, ଜିଲା ପ୍ରଶାସନର ଅବହେଳା ଯୋଗୁ ମଣ୍ଡିରେ ଧାନକିଣା ବାଧାପ୍ରାପ୍ତ ହୋଇଛି। ନିର୍ବାଚନ ଆଳ ଦେଖାଇ ବିଭିନ୍ନ ସ୍ଥାନରେ ଧାନ ମଣ୍ଡି ବନ୍ଦ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ଧନୀ ଓ ପ୍ରଭାବଶାଳୀ ଚାଷୀଙ୍କ ଧାନ କିଣାଯାଇଥିବା ବେଳେ ଗରିବ ଏବଂ ଭାଗଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡ଼ି ରହିଛି। ଉଭୟେ ଆହୁରି କହିଛନ୍ତି, ଜିଲାର ଚାଷୀଙ୍କ ଧାନ ପଡ଼ି ରହିଥିବା ବେଳେ ଏବେ କେନ୍ଦ୍ରାପଡ଼ା ଜିଲାରୁ ଧାନ କିଣିବା ପାଇଁ ଗଞ୍ଜାମର ୬ ମିଲରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ କେନ୍ଦ୍ରାପଡ଼ାରୁ ୨୦ ହଜାର କୁଇଣ୍ଟାଲ ଧାନ କିଣିଥିବା ଦୁଇ ଚାଷୀ ସଂଗଠନ ନେତା ଅଭିଯୋଗ କରିଛନ୍ତି। ଏଥିପାଇଁ ଜିଲା ପ୍ରଶାସନକୁ ମଧ ଦାୟୀ କରାଯାଇଛି। କେନ୍ଦ୍ରାପଡ଼ା ଜିଲାରୁ ଧାନ କିଣାରେ ରାଜନୈତିକ ଉଦ୍ଦେଶ୍ୟ ଥିବା କୁହାଯାଇଛି। ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହୋଇଛି। ଗଞ୍ଜାମରୁ ୨୦୧୮-୧୯ ବର୍ଷରେ ୩୯ ଲକ୍ଷ ୩୪ ହଜାର ୩୨୮ କୁଇଣ୍ଟାଲ ଧାନ କିଣିବା ଲାଗି ସରକାରୀ ଲକ୍ଷ୍ୟଧାର୍ଯ୍ୟ ଥିବା ସ୍ଥଳେ ଫେବୃୟାରୀ ସୁଦ୍ଧା ୩୨ ଲକ୍ଷ ୬୧ ହଜାର ୪୮୪ କୁଇଣ୍ଟାଲ କିଣାଯାଇଛି। ଅବଶିଷ୍ଟ ଧାନ ବିକ୍ରି ହୋଇ ନ ଥିବାରୁ ହଜାର ହଜାର ଚାଷୀ ହନ୍ତସନ୍ତ ହେଉଛନ୍ତି।

# ଖୋଲିଲା ପମ୍ପହାଉସ ତାଲା

ନବରଙ୍ଗପୁର,୨୯।୪(ଡି.ଏନ.ଏ.)

- ଡିଆରଡିଏ ପିଡିଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଆଲୋଚନା
- ୨ ଦିନ ମଧ୍ୟରେ ଅଚଳ ନଳକୂପ ମରାମତି ପାଇଁ ନିର୍ଦ୍ଦେଶ
- ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରାଯିବ


ଡିଆରଡିଏ ପିଡି, ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତା ଗାଁରେ ପାନୀୟ ଜଳ ସମସ୍ୟା ନେଇ ପମ୍ପ ହାଉସରେ ଗ୍ରାମବାସୀ ୩ ଦିନ ହେଲା ତାଲା ପକାଇଥିଲେ। ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ବିଡିଓ ଏବଂ ଜିଲା ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ସୋମବାର ତାଲା ଖୋଲାଯାଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ନଳକୂପ ଗୁଡିକର ମରାମତି କରାଯିବ। ଏଥି ସହ ପାନୀୟ ଜଳ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ୪ଟି ୱାର୍ଡ ବାସିନ୍ଦା କିଭଳି ପାନୀୟ କଷ୍ଟ ଭୋଗିବେ ନାହିଁ ତାହାର ସୁବ୍ୟବସ୍ଥା କରି ରିପୋର୍ଟ ପ୍ରଦାନ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧିନ କାମତା ପଞ୍ଚାୟତ ସଦର ମହକୁମା ଠାରେ ପାନୀୟ ଜଳ ସଙ୍କଟ ଦେଖା ଦେଇଥିଲା। ଗାଁଟି ୪ଟି ୱାର୍ଡକୁ ନେଇ ଗଠିତ ହୋଇଛି। ୧ ନମ୍ବର ୱାର୍ଡକୁ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା ରହିଛି। ଅନ୍ୟ ୩ଟି ୱାର୍ଡକୁ ଏହି ବ୍ୟବସ୍ଥା ନାହିଁ। ଗାଁରେ ୮ଟି ନଳକୂପ ରହିଛି। ସେଥିମଧ୍ୟରୁ ୪ଟି ଅଚଳ ରହିଛି। ୪ଟି ନଳକୂପ ଜନସାଧାରଣଙ୍କ ପାନୀୟ ଜଳ ଆବଶ୍ୟକତା ମେଣ୍ଟାଇ ପାରୁ ନଥିଲା। ପାଣି ପାଇଁ ଗଣ୍ଡଗୋଳ ହେଉଥିଲା। ପାନୀୟ ଜଳ ସମାଧାନ ଦାବିରେ ୩ ଦିନ ତଳେ ପାଣି ପମ୍ପ ହାଉସରେ ଗ୍ରାମବାସୀ ତାଲା ପକାଇଥିଲେ।

